ଘରେ ପଶି ଆକ୍ରମଣ ଘଟଣା

ପୁଲିସ ସହିତ ଲୁଚକାଳି ଖେଳୁଛି ମଙ୍ଗୁଲି

ଖୋର୍ଦ୍ଧା,୧୫।୯/ଏନ୍‌ଏନ୍‌ଏସ୍: ଖୋର୍ଦ୍ଧା, ଭୁବନେଶ୍ୱର ଓ ବ୍ରହ୍ମପୁରରେ ଦାଦାବଟି ସହ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ମଙ୍ଗୁଳି ପାତ୍ର (୪୪) ପୁଲିସ ସହ ଲୁଚକାଳି ଖେଳୁଛି। ତାକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ପ୍ରକାଶ କରିଛି। ସୂଚନାଯୋଗ୍ୟ, ଗତ ୨୩ତାରିଖରେ ଖୋର୍ଦ୍ଧାର ସମ୍ବିତ ଖୁଣ୍ଟିଆଙ୍କ ଘରେ ଦୁଇଟି କାର୍‌ରେ ୮ଜଣ ବ୍ୟକ୍ତି ଆସି ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ପରିବାର ଲୋକଙ୍କୁ ଧମକ ଚମକ ଦେଇଥିଲେ। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ସମ୍ବିତଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଥିଲା। ଅନୁରୂପ ଭାବେ ମଙ୍ଗୁଳି ନାମରେ ଭୁବନେଶ୍ୱର କମିସନରେଟ୍ ପୁଲିସ ଅଧିନସ୍ଥ ଖଣ୍ଡଗିରି ଓ ଏୟାରପୋର୍ଟ ଥାନାରେ ମଧ୍ୟ ମାମଲା ରହିଥିବା ଜଣାପଡ଼ିଛି। ତେବେ ପୁଲିସ ଏବଂ ସାଧାରଣ ଲୋକଙ୍କୁ ଚ୍ୟାଲେଞ୍ଜ ଦେଇ ମଙ୍ଗୁଳି ଦିଲ୍ଲୀର ତାଜ୍ ହୋଟେଲରୁ ନିଜର ଏକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଦେଖିବାକୁ ମିଳୁଛି। ତେବେ ଓଡ଼ିଶା ପୁଲିସ ମଙ୍ଗୁଳିକୁ ଧରିବା ପାଇଁ ଜାଲ ବିଛାଇଥିବାବେଳେ ମଙ୍ଗୁଳି କେବେ ପୁଲିସ ହାତରେ ଧରାପଡୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍: ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁଠାରେ ଭକ୍ତ ଦାସିଆ ସ୍ମୃତି କମିଟି ବାଲିଗାଁର ମାସିକ ସମୀକ୍ଷା ବୈଠକ ଅନୁଷ୍ଠାନର ବରିଷ୍ଠ ଟ୍ରଷ୍ଟି ସଦସ୍ୟ ଲାବଣ୍ୟ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପ୍ରାରମ୍ଭରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଆଶୁ ଆରୋଗ୍ୟ ନିମନ୍ତେ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ସାମୂହିକ ପ୍ରାର୍ଥନା କରାଯିବା ସହ ରୋଟାରୀ ନର୍ଥ ଭୁବନେଶ୍ୱରର ଦିବଂଗତ ହୋମିଓପାଥିକ୍ ଡାକ୍ତର ବନିସ୍ ତ୍ରିପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ରାଧାମୋହନ ମଠର ମଠାଧିଶ ତଥା ସ୍ମୃତି କମିଟିର ଉପସଭାପତି ଧରଣୀଧର ଦାସଙ୍କ ପରାମର୍ଶକ୍ରମେ ଆଞ୍ଚଳିକ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଉଭୟ ଭକ୍ତ ଦାସିଆ ପୀଠ ଓ ରାଧାମୋହନ ମଠରେ ଚତୁଃପାର୍ଶ୍ୱ ସ୍ଥାୟୀ ପାଚେରିକୁ ମରାମତି କରାଯିବା ସହ ମଠ ମଧ୍ୟକୁ ଆସୁଥିବା ଗାଈଗୋରୁଙ୍କ ପାଇଁ ଯଥାଶୀଘ୍ର ପ୍ରତିକାର ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଅର୍ଥ କମିଟିର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ର ସମ୍ଭାବ୍ୟ ଆୟବ୍ୟୟ ଆକଳନ କରି ୧୩ ଲକ୍ଷ ୪୦ହଜାର ଟଙ୍କାର ପ୍ରସ୍ତାବକୁ ଆଲୋଚନା କରିଥିଲେ। ମଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଜୟକୃଷ୍ଣ ରାଉତଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହାସହିତ ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାୟୀ ରୋଷଘର ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ବାଲିଗାଁର ଆଞ୍ଚଳିକ କମିଟି ସଦସ୍ୟ ନାରାୟଣ ପଲାଇ, ଫଗୁ ବେହେରା, ବଂଶୀଧର ବେହେରା, ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ସ୍ୱାଗତଭାଷଣ ଦେଇଥିବାବେଳେ ବରିଷ୍ଠ ଟ୍ରଷ୍ଟି ସଦସ୍ୟ ଅର୍ଜୁନ ଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

୧୬-୯-୨୦୨୦-ବୁଧବାର



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

ମେଷ ଆଜି ବ୍ୟବସାୟ ଚନ୍ଦ୍ରଙ୍କ ଯୋଗୁ ବହୁତ ଲାଭ ପାଇବେ। କମ ତତ୍ପରତା ପ୍ରକାଶ ପାଇବ। ମନ ପ୍ରସନ୍ନ ରହିବ। ସ୍ୱାସ୍ଥ୍ୟ ଅତୁଟ ରହିବ। ଦୟାଳୁ ସ୍ୱଭାବର ହେବେ। ଯଶସ୍ୱୀ ହେବେ। ପାରିବାରିକ ସ୍ଥିତି ଭଲ ରହିବ।

ବୃଷ ଚାକିରି କ୍ଷେତ୍ରରେ ସମସ୍ୟା ଦେଖାଦେବ। ଭାଗ୍ୟଶାଳୀ ହୋଇପାରନ୍ତି। ଦିନଟି ଭୋଗ ବିଳାସରେ ଅତିବାହିତ କରିପାରନ୍ତି। ସୁଖ ସମୃଦ୍ଧିପୂର୍ଣ୍ଣ ଜୀବନ ଯାପନ କରିବେ। ମହିଳାମାନେ ଅନ୍ୟଦ୍ୱାରା ସାହାଯ୍ୟ ପାଇବେ।

ମିଥୁନ ଅଭାବ ଅନଟନ ଦୂରେଇଯିବ। କାର୍ଯ୍ୟରେ ସାଫଲ୍ୟତା। ଈର୍ଷା ପରାୟଣ ହେବେ। ସ୍ୱାଭିମାନୀ ହେବେ। ଶାରୀରିକ ଦୁର୍ବଳତା ଅନୁଭବ କରିବେ। ଚନ୍ଦ୍ରଙ୍କ ଭୋଗ ହେତୁ ସତର୍କରେ ଚଳିବେ।

କର୍କଟ ବହୁ ମିତ୍ରମାନଙ୍କ ସାନ୍ନିଧ ମିଳିବ। ଶାନ୍ତି ଓ ଧୈର୍ଯ୍ୟବାନ୍ ହେବେ। ବ୍ୟବସାୟ ଲାଭଜନକ ହେବ। ସମାଜସେବାରେ ନିୟୋଜିତ ହେବେ। ମନରେ ଅହଂଭାବ ଜାଗ୍ରତ ହେବ। ପତ୍ନୀଙ୍କ କଥାରେ ପରିଚାଳିତ ହେବେ।

ସିଂହ ମୂଲ୍ୟବାନ୍ ଦ୍ରବ୍ୟ ହସ୍ତଗତ ହେବେ। ଭୋଗ ବିଳାସରେ ଦିନଟି ଅତିବାହିତ କରିପାରନ୍ତି। ଭାଇମାନଙ୍କ ପ୍ରତି ସ୍ନେହଭାବ ରହିବ। ଶରୀର ସୁସ୍ଥ ରହିବ। ବଳଶାଳୀ ହେବେ। ଶତ୍ରୁହନ୍ତା ହୋଇପାରନ୍ତି।

କନ୍ୟା ଗୃହକାର୍ଯ୍ୟରେ ମନୋନିବେଶ କରିପାରନ୍ତି। ଚଞ୍ଚଳ ପ୍ରକୃତିର ହେବେ। ହଠାତ୍ ଧନ ପ୍ରାପ୍ତି ହୋଇପାରେ। ବ୍ୟବସାୟରେ ପ୍ରଚୁର ଧନଲାଭ ହୋଇପାରେ। ପତ୍ନୀ ସୁନ୍ଦର ଓ ସ୍ୱାମୀ ସୋହାଗିନୀ ହେବେ।

ତୁଳା କର୍ମକ୍ଷେତ୍ରରେ ଅଶାନ୍ତି ଅନୁଭବ କରିପାରନ୍ତି। ଉଦାର ସ୍ୱଭାବର ହେବେ। ଦୀନ ଦରିଦ୍ରଙ୍କୁ ଦାନ ଦେଇ ଆତ୍ମତୃପ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। କୃଷିକ୍ଷେତ୍ରକୁ ତ୍ୱରାନ୍ୱିତ କରିବେ। ଦଳ ପ୍ରତି ଆଦ ଓ ବୁଦ୍ଧିମାନ ହେବେ।

ବିଛା ନୂତନ ନିଯୁକ୍ତି ଓ କର୍ମଭାର ବହନ କରିବେ। କାର୍ଯ୍ୟର ସୁପରିଚାଳନା କରିପାରିବେ। ଚିତ୍ତ ପ୍ରସନ୍ନ ରହିବ। ଆସ୍ତିକ ସ୍ୱଭାବର ହେବେ। ମଧୁରଭାଷୀ ହୋଇପାରନ୍ତି। ଥଣ୍ଡା ଓ କଫରେ ଆକ୍ରାନ୍ତ ହେବେ।

ଧନୁ ଆୟ ଆଶାନୁରୂପ ହେବ। ଆଶାବାଦୀ ହେବେ। ସୌଭାଗ୍ୟଶାଳୀ ହେବେ। ଶୋଭନ ବ୍ୟକ୍ତିତ୍ୱର ହେବେ। ପରଦେଶବାସୀ, ମଧୁରଭାଷୀ, ସହନଶୀଳ ଓ ଶାନ୍ତିପ୍ରିୟ ହେବେ। ଶାସ୍ତ୍ରଜ୍ଞ ହେବେ।

ମକର ନୂତନ ଆୟର ମାର୍ଗ ଉନ୍ମୁକ୍ତ ହେବ। ଚନ୍ଦ୍ରଭୋଗ ହେତୁ ସୁସ୍ୱାଦୁ ଭୋଜନ ମିଳିବ। ବଳବାନ୍ ହେବେ। ଐଶ୍ୱର୍ଯ୍ୟଯୁକ୍ତ ହୋଇପାରନ୍ତି। ବ୍ୟବସାୟ ପାଇଁ ମନ ବଳିବ। ମାଲିମକଦ୍ଦମାରେ ବିଜୟୀ ହୋଇ ଧନଲାଭ କରିବେ।

କୁମ୍ଭ ଅଭାବ ପୂରଣ ହେବ। ନୈରାଶ୍ୟ ଭାବ ଦୂରେଇଯିବ। ଚଞ୍ଚଳ ସ୍ୱଭାବର ହେବେ। ଥଣ୍ଡା କଫରେ ଆକ୍ରାନ୍ତ ହେବେ। ଏକାନ୍ତପ୍ରିୟ ହୋଇପାରନ୍ତି। ଚକ୍ଷୁପୀଡ଼ା ଭୋଗିବେ। କଥାଁଳ କଥାରେ କାର୍ଯ୍ୟ ହାସଲ କରିନେବେ।

ମୀନ ପ୍ରିୟଲୋକଙ୍କ ସମାଗମ ହୋଇପାରେ। ସୁଖ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। ଯଶସ୍ୱୀ ହେବେ। ଲୋକପ୍ରିୟତା ଅର୍ଜନ କରିବେ। ଚଞ୍ଚଳ ପ୍ରକୃତିର ହେବେ। ସରକାରୀ ମାନ୍ୟତା ପାଇବେ। ପରୋପକାରୀ ହେବେ।

ଆଉ ୩୪୨ ଆକ୍ରାନ୍ତ, ୩୮୭ ସୁସ୍ଥ

-ଆକ୍ରାନ୍ତ ସଂଖ୍ୟା ୧୭ ହଜାର ଛୁଇଁବ

-ସୁସ୍ଥ ସଂଖ୍ୟା ୧୨ ହଜାର ଡେଇଁଲା

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍: ରାଜଧାନୀ ଭୁବନେଶ୍ୱରରୁ ମଙ୍ଗଳବାର ୩୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧରୁ ୯୮ ଜଣ ଚିହ୍ନଟ ହୋଇଥିବା ବେଳେ ବାକି ୨୪୪ ଜଣ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇ ରାଜଧାନୀ ଭୁବନେଶ୍ୱରରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୯୩୩କୁ ବୃଦ୍ଧିପାଇଛି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏନେଇ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି। ଯଦିଓ ଗତ କିଛି ଦିନ ହେବ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି, ହେଲେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଇତି ମଧ୍ୟରେ ୧୭ ହଜାର ନିକଟତର ହୋଇଛି।

ତେବେ ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରର ସଙ୍ଗରୋଧରୁ ଚିହ୍ନଟ ସମସ୍ତ ୯୮ ଜଣ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ହୋଇଥିବା ପଜିଟିଭ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏଥିରେ କଳିଙ୍ଗ ନଗରରୁ ୪ ଜଣ, ୟୁନିଟ୍-୩ରୁ ୩, ବେହେରାସାହିରୁ ୩ କରୋନା ଆକ୍ରାନ୍ତ ଅଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମିତ ଭାବେ ଆଇଆର୍‌ସି ଭିଲେଜ୍ ଅଞ୍ଚଳ, ୟୁନିଟ୍-୯ରୁ ସର୍ବାଧିକ ୯, ଡୁମୁଡୁମାରୁ ୭, ରସୁଲଗଡ଼, ଶୈଳଶ୍ରୀ ବିହାର, ବରମୁଣ୍ଡା, ୟୁନିଟ୍-୬ରୁ ୬ ଜଣ ଲେଖାଏଁ, ବମିଖାଲରୁ ୫, ମଞ୍ଚେଶ୍ୱର, ପଳାଶୁଣୀ, ପଟିଆ, ବିଜେବିନଗର, ନୟାପଲ୍ଲୀରୁ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଭୁବନେଶ୍ୱରରୁ ମଙ୍ଗଳବାର ୩୮୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସହିଦନଗରରୁ ୨୦, ନୟାପଲ୍ଲୀରୁ ୧୮, ପଟିଆ ବିଗ୍‌ବଜାର ଅଞ୍ଚଳରୁ ୧୩, ୟୁନିଟ୍-୯ରୁ ୧୦, ବିଡିଏ କଲୋନୀ, ୟୁନିଟ୍-୪ରୁ ୯ ଜଣ ଅଛନ୍ତି। ଅନୁରୂପ ଭାବେ ୟୁନିଟ୍-୨ ଓ ୟୁନିଟ୍-୩ ସରକାରୀ କ୍ୱାର୍ଟର୍ସରୁ ୭, ସତ୍ୟବିହାରରୁ ୭, ବରମୁଣ୍ଡା ଗାଁରୁ ୬, ସୈନିକ ସ୍କୁଲ୍‌ରୁ ୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହି ସୁସ୍ଥଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧୨ ହଜାର ୨୮୮କୁ ବୃଦ୍ଧିପାଇଛି। ତେବେ ବର୍ତ୍ତମାନ ସୁଦ୍ଧା ୪୫୬୮ ଜଣ ଆକ୍ରାନ୍ତ ସକ୍ରିୟ ସଂକ୍ରମିତ ଭାବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ତେବେ କିଛିଦିନ ହେବ କ୍ରମାଗତ ଭାବେ ରାଜଧାନୀରୁ କରୋନାରେ ମୃତ୍ୟୁ ସଂଖ୍ୟା ସାମ୍ନାକୁ ଆସୁଥିଲା। ଦୈନିକ ପ୍ରାୟ ୨ ଜଣ ଲେଖାଏଁ ଆକ୍ରାନ୍ତ ପ୍ରାଣ ହରାଉଥିଲେ। ମାତ୍ର ସେଥିରେ ମଙ୍ଗଳବାର ବ୍ରେକ୍ ଲାଗିଛି। ମଙ୍ଗଳବାର ସହରରୁ କୌଣସି ଆକ୍ରାନ୍ତଙ୍କର ମୃତ୍ୟୁ ହୋଇନଥିବା ବେଳେ ମୃତ୍ୟୁ ସଂଖ୍ୟା ସେହି ୬୪ ରେ ସୀମିତ ରହିଛି।

ଟିପିସିଓଡିଏଲ୍‌ର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା

ଚନ୍ଦ୍ରଶେଖରପୁର,୧୬।୯/ଏନ୍‌ଏନ୍‌ଏସ୍: ବର୍ତ୍ତମାନ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀଠାରୁ ନନ୍ଦନକାନନ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଚାଲିଛି ରାସ୍ତା ପ୍ରଶସ୍ତିକରଣ। ଏହା ଯୋଗୁଁ ରାସ୍ତା କଡ଼ରେ ଥିବା ସମସ୍ତ ବିଦ୍ୟୁତ୍ ସବ୍‌ଷ୍ଟେସନକୁ ମଧ୍ୟ ଯୁଦ୍ଧକାଳୀନ ଭିତରେ ସ୍ଥାନାନ୍ତରଣ କରାଯାଉଛି। ଯାହାକୁ ପୁନର୍ବାର ସ୍ଥାପନା କରାଯାଇ ସେଥିରେ ଲାଇନ୍ ସଂଯୋଗ କରାଯିବା ଏକ ଚାଲେଞ୍ଜ ଥିଲା। ବହୁତ କମ୍ ସମୟ ମଧ୍ୟରେ ଅତି ସୁନ୍ଦର ଭାବେ ସ୍ଥାପନା କରାଯାଇ ସମସ୍ତ ଉପଭୋକ୍ତାଙ୍କ ଘରକୁ ଲାଇନ୍ ସଂଯୋଗ କରାଯାଇଥିଲା ବୋଲି ଟିପିସିଓଡିଏଲ୍‌ର ଇଂ. ସ୍ମୃତିରଞ୍ଜନ ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକୁ ଅତିଶୀଘ୍ର କରାଯାଇ ଲୋକଙ୍କ ଅସୁବିଧାକୁ ପୂରଣ କରିଥିବାରୁ ସ୍ଥାନୀୟ ବାସିନ୍ଦା ଟିପିସିଓଡିଏଲ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି।

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ୭୮୯୫ ଆକ୍ରାନ୍ତ

ପ୍ରତି ବ୍ଲକ୍ ପାଇଁ ୨ ଏନ୍‌ଫୋର୍ସମେଣ୍ଟ ଟିମ୍

ଖୋର୍ଦ୍ଧା,୧୫।୯/ଏନ୍‌ଏନ୍‌ଏସ୍ : ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମଙ୍ଗଳବାର ୨୪ ଘଣ୍ଟାରେ ୨୦୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୯୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କୋଭିଡ୍୧୯ରେ ଜଣଙ୍କର ମୃତ୍ୟୁ ଘଟିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ୩୦, ବାଲିପାଟଣା ବ୍ଲକ ୫, ଭୁବନେଶ୍ୱର ୧୦, ଜଟଣୀ ୪୧, ଖୋର୍ଦ୍ଧା ୪୦, ବେଗୁନିଆ ୧୯, ବୋଲଗଡ ୭, ଟାଙ୍ଗି ୧୯, ଚିଲିକା ୧୬ ଏବଂ ବାଣପୁର ବ୍ଲକରୁ ୧୮ଜଣ ରହିଛନ୍ତି।

ସେହିପରି ଜିଲ୍ଲାର ଗ୍ରାମାଞ୍ଚଳରେ ସମୁଦାୟ ୭୮୯୫ ଜଣ ଆକ୍ରାନ୍ତ ହୋଇଛନ୍ତି। ୬୧୩୪ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୧୭୨୮ଟି ଆକ୍ଟିଭ କେସ ରହିଛି। ମୃତ୍ୟୁ ସଂଖ୍ୟା ୩୩ରେ ପହଞ୍ଚିଥିବା ଜିଲ୍ଲା ପ୍ରଶାସନ ସୁତ୍ରରୁ ପ୍ରକାଶ। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ୭୬୫, ବାଲିପାଟଣା ବ୍ଲକ ୪୭୩, ଭୁବନେଶ୍ୱର ୫୫୮, ଜଟଣୀ ୭୦୬, ଖୋର୍ଦ୍ଧା ୧୨୭୫, ବେଗୁନିଆ ୫୦୭, ବୋଲଗଡ ୭୨୦, ଟାଙ୍ଗି ୭୯୬, ଚିଲିକା ୧୦୩୨ ଏବଂ ବାଣପୁର ବ୍ଲକରୁ ୯୮୪ଜଣ ରହିଛନ୍ତି।

ଏନେଇ ଜିଲ୍ଲାପାଳ ସନତ ମହାନ୍ତି କୁହନ୍ତି, ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। କୋଭିଡ୍ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପ୍ରତି ବ୍ଲକ ଏବଂ ତହସିଲ ଅଞ୍ଚଳରେ କୋଭିଡ୍ ପରିଚାଳନା ଲାଗି ଦୁଇଟି ଲେଖାଏଁ କୋଭିଡ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ନିଜ ଅଞ୍ଚଳରେ କୋଭିଡ୍ ନିୟନ୍ତ୍ରଣ ଏବଂ ମାସ୍କ,ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ପଜିଟିଭ୍ ରୋଗୀଙ୍କୁ ତୁରନ୍ତ ସିଫ୍ଟିଙ୍ଗ୍ କରିବା ଲାଗି ୨୨ଟି ଆମ୍ବୁଲାନ୍ସ ଆସିଛି ଏବଂ ପ୍ରତି ବ୍ଲକକୁ ୨ଟି ଲେଖାଏଁ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଉଛି। ୨୨ଟି ମୋବାଇଲ ସ୍ୱାସ୍ଥ୍ୟ ଟିମ୍ କୋଭିଡ୍ ପରିଚାଳନାରେ କାର୍ଯ୍ୟ କରୁଛନ୍ତି।

୧୩ ଲକ୍ଷ ୬ ହଜାର ୨୮୦ ଜୋରିମାନା ଆଦାୟ

କୋଭିଡ୍ ଉଲ୍ଲଙ୍ଘନ

ଖୋର୍ଦ୍ଧା,୧୫।୯/ଏନ୍‌ଏନ୍‌ଏସ୍: କୋଭିଡ୍ ନିୟମ ଉଲ୍ଲଙ୍ଘନ କରିଥିବା ଅମାନିଆଙ୍କଠାରୁ ସୋମବାର ସୁଦ୍ଧା ୧୩ ଲକ୍ଷ ୬ ହଜାର ୨୮୦ଟଙ୍କା ଜୋରିମାନା ଆଦାୟ ହୋଇଥିବା ଉପଜିଲ୍ଲାପାଳ ଅଶୋକ କୁମାର ବେହୁରିଆ ଟୁଇଟ୍ କରି ସୂଚନା ଦେଇଛନ୍ତି। ବାଣପୁର ଏନ୍‌ଏସିରୁ ୭୨ହଜାର ୫୦ଟଙ୍କା, ଚିଲିକା ତହସିଲ ଅଞ୍ଚଳରୁ ୭୨ହଜାର ୬ ଶହଟଙ୍କା, ଖୋର୍ଦ୍ଧା ଉପଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ୯୬ ହଜାର ୬ ଶହ ଟଙ୍କା, ବେଗୁନିଆ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧ଲକ୍ଷ ୧୬ ହଜାର ୬ ଶହଟଙ୍କା, ବାଲୁଗାଁ ଏନ୍‌ଏସି ପକ୍ଷରୁ ୧ଲକ୍ଷ ୨୧ହଜାର ୨ଶହଟଙ୍କା, ଟାଙ୍ଗି ତହସିଲ ପକ୍ଷରୁ ୧ଲକ୍ଷ ୨୫ ହଜାର ୫ ଶହ, ବୋଲଗଡ ତହସିଲ ପକ୍ଷରୁ ୧ଲକ୍ଷ ୪୫ ହଜାର ୬ ଶହ, ଖୋର୍ଦ୍ଧା ତହସିଲ ପକ୍ଷରୁ ୧ଲକ୍ଷ ୭୫ ହଜାର ୩ ଶହ, ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ୧ଲକ୍ଷ ୮୨ହଜାର ୩ଶହ, ବାଣପୁର ତହସିଲ ପକ୍ଷରୁ ୧ଲକ୍ଷ ୯୮ହଜାର ୮ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ବେହୁରିଆ ସୂଚନା ଦେଇଛନ୍ତି।

ଅସହାୟ ପରିବାରକୁ ସହାୟତା

ଖୋର୍ଦ୍ଧା,୧୫।୯/ଏନ୍‌ଏନ୍‌ଏସ୍: ଦୁର୍ଘଟଣାର ଶିକାର ହୋଇ ଗୋଡ଼ହାତ ଅଚଳ ହୋଇପଡ଼ିଥିବା ଏବଂ ବାକ୍ ଶକ୍ତି ହରାଇଥିବା ଟାଙ୍ଗୀ ବ୍ଲକ୍ ଅଧିନସ୍ଥ ହରିପୁର ଗ୍ରାମର ସ୍ୱାଧୀନ ସାମନ୍ତରାୟଙ୍କ ପରିବାରକୁ ସୋମବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୋର୍ସ ହୋପ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ତେବେ ଦୁର୍ଘଟଣା ପରେ ସ୍ୱାଧୀନ ବହୁତ କଷ୍ଟରେ ଠିଆ ହେଉଛନ୍ତି ସେ ପୁଣି ଗୋଟିଏ ସ୍ଥାନରେ। ସେ ତାଙ୍କ ପରିବାରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାବେଳେ ଦୁର୍ଘଟଣା ଯୋଗୁଁ ସେ ସବୁ କିଛି ହରାଇ ବସିଛନ୍ତି। କରୋନା ମହାମାରୀ ଏବଂ ବନ୍ୟା ଯୋଗୁଁ ଭୋକ ଉପାସରେ ଦିନ କାଟୁଛନ୍ତି ସ୍ୱାଧୀନଙ୍କ ପରିବାର। ତେବେ ଏ ଖବର ଅନୁଷ୍ଠାନର ଟାଙ୍ଗୀ ବ୍ଲକ୍ ସଂଯୋଜକ ଜ୍ଞାନ ରଞ୍ଜନ ଦାସ ପାଇବା ପରେ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ରୀନାରାଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାଧୀନଙ୍କ ପରିବାରକୁ ରାସନ ସାମଗ୍ରୀ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି।

ଏଥିସହିତ ତାଙ୍କୁ ସମସ୍ତ ଚିକିତ୍ସା ସହାୟତା ଟ୍ରଷ୍ଟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷା ରୀନାରାଣୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୀମାଞ୍ଚଳ ସ୍ୱାଇଁ, ସଂଗ୍ରାମ ରଣା, ସନ୍ତୋଷ ନାୟକ, ଅନୁଭବ ନାୟକ, ସୁଜାତା, ମୁନା ବେହେରା ଏବଂ ଅନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

ଘରଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପାରିବାରିକ କଳହରୁ ହତ୍ୟା ସନ୍ଦେହ

ଚନ୍ଦ୍ରଶେଖରପୁର,୧୬।୯/ଏନ୍‌ଏନ୍‌ଏସ୍: ମଙ୍ଗଳବାର ଚନ୍ଦ୍ରଶେଖରପୁର ପୁଲିସ ଜଣେ ଯୁବକଙ୍କ ମୃତଦେହ ଶୋଇଥିବା ଅବସ୍ଥାରେ ଘରୁ ଉଦ୍ଧାର କରିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ ଯୁବକଙ୍କର ଦୀର୍ଘଦିନ ହେବ ନିଜ ସ୍ତ୍ରୀଙ୍କ ସହ ମତାନ୍ତର ଘଟିଥିଲା। କୌଣସି ସମାଧାନ ହୋଇପାରୁନଥିଲା। ଯାହାକୁ ନେଇ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କୀୟ ଲୋକ ରାତ୍ର ସମୟରେ ତାଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିଛନ୍ତି ବୋଲି ଯୁବକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲା ବଧିସାହି ଅଞ୍ଚଳର କାଳୁଚରଣ ବେହେରା ନାମକ ଜଣେ ଯୁବକ ଦୀର୍ଘ ବର୍ଷ ହେବ ନିଜ ସ୍ତ୍ରୀ ରୁନୁ ବେହେରାଙ୍କୁ ନେଇ ସାଲିଆସାହିରେ ରହୁଥିଲେ। କାଳୁଙ୍କ ସ୍ତ୍ରୀ ସେଠାରେ ରହୁଥିବା ବେଳେ କିଛି ଲୋକଙ୍କଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଉଧାର ନେଇ ସେଠାରୁ ପଳାଇ ଆସି ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥରଗଡ଼ିଆ ବସ୍ତିରେ ରହୁଥିଲେ। ଏପରିକି ସେ ଏହି ଅଞ୍ଚଳରେ ଥିବା ଏକ ବିସ୍କୁଟ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିଲେ। ଯାହାକୁ କାଳୁ ବିରୋଧ କରୁଥିଲେ। ଏପରିକି ତାଙ୍କ ସ୍ତ୍ରୀଙ୍କର ଉକ୍ତ ବିସ୍କୁଟ ଫ୍ୟାକ୍ଟ୍ରିରେ କୌଣସି ଯୁବକଙ୍କ ସହ ପରକୀୟା ପ୍ରୀତି ଅଛି ବୋଲି ସନ୍ଦେହ କରିଥିଲେ। ଯାହାକୁ ନେଇ ସୋମବାର କାଳୁ କିଛି ନାରୀ ସୁରକ୍ଷା କର୍ମୀଙ୍କୁ ଧରି ତାଙ୍କ ସ୍ତ୍ରୀଙ୍କୁ ଡାକି ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏପରିକି ନିଜେ ରହୁଥିବା ସ୍ଥାନକୁ ଡାକିଥିଲେ। କିନ୍ତୁ ତାଙ୍କ ସ୍ତ୍ରୀ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଘଟଣା ସ୍ଥଳରୁ ପଳାଇ ଯାଇଥିଲେ। ମଙ୍ଗଳବାର ସକାଳେ କାଳୁଙ୍କର ଅରବିନ୍ଦ ନଗରରେ ଥିବା ନିଜ ଭଡ଼ାଘରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା କିଛି ଛୋଟପିଲା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। କାଳୁଙ୍କ ମୃତଦେହ ବିଛଣାରେ ପଡ଼ିଥିବା ବେଳେ ତାଙ୍କୁ ତାଙ୍କ ସ୍ତ୍ରୀ ଓ ସ୍ତ୍ରୀର ସମ୍ପର୍କୀୟମାନେ ସଙ୍ଘବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି କାଳୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି।

୧୮ରେ ନୀଳାଚଳ ଇସ୍ପାତ ନିଗମ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍: ନୀଳାଚଳ ଇସ୍ପାତ ନିଗମକୁ ଜାଣିଶୁଣି କ୍ଷତି ଦେଖାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବଳ କରି ଘରୋଇକରଣ କରିବାକୁ ପୂରା ଦମ୍‌ରେ ଲାଗିଥିବାବେଳେ ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ୬ ମାସରୁ ଊର୍ଦ୍ଧ୍ୱ ସେମାନଙ୍କର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି କରୋନା ମହାମାରୀ ସମୟରେ ସେମାନଙ୍କ ପରିବାର ଭୋକରେ ଆଉଟୁପାଉଟୁ ହେଉଛନ୍ତି। ବାରମ୍ବାର ଅନେକ ଆନ୍ଦୋଳନ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଥିଲେ ମଧ୍ୟ ସେମାନଙ୍କର ଦରମା ମିଳୁନି। ଫଳରେ ଆସନ୍ତା ୧୮ ତାରିଖରେ କର୍ମଚାରୀମାନେ ତାଙ୍କର ଆନ୍ଦୋଳନ ପୁଣିଥରେ କରିବେ ଓ ଏପରି ଆନ୍ଦୋଳନକୁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇସିସିଟିୟୁ, ଏଆଇୟୁଟିୟୁସି ସମର୍ଥନ କରିବାକୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

ମଲ୍ଲିପୁର ୧୦ଦିନ ଆବଦ୍ଧାଞ୍ଚଳ ଘୋଷଣା

ଖୋର୍ଦ୍ଧା,୧୫।୯/ଏନ୍‌ଏନ୍‌ଏସ୍: ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମଲ୍ଲିପୁର ପଞ୍ଚାୟତର ମଲ୍ଲିପୁର ଗ୍ରାମରେ ଏକାଧିକ କରୋନା ପଜିଟିଭ୍ ବାହାରିବା ପରେ ଉପଜିଲ୍ଲାପାଳ ଅଶୋକ କୁମାର ବେହୁରିଆ ଏହି ଗ୍ରାମକୁ ୧୦ଦିନ ପାଇଁ ଆବଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୪ରୁ ୨୪ ପର୍ଯ୍ୟନ୍ତ ଏ ନିର୍ଦ୍ଦେଶନାମା ବଳବତ୍ତର ରହିବ। ଜନସ୍ୱାର୍ଥ ଓ ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଉପଜିଲ୍ଲାପାଳ ଶ୍ରୀ ବେହୁରିଆ ସୂଚନା ଦେଇଛନ୍ତି। ଏହି ସମୟରେ ଗ୍ରାମର କୌଣସି ବ୍ୟକ୍ତି ବାହାରକୁ ଯିବେନାହିଁ। ବାହାର ଲୋକେ ମଧ୍ୟ ଏହି ଗ୍ରାମ ମଧ୍ୟକୁ ପ୍ରବେଶ କରିବେ ନାହିଁ। ଏଥିସହିତ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ମହୋତ୍ସବ, ତାସ୍ ଖେଳ, କ୍ରିକେଟ୍ ଖେଳ ପ୍ରଭୃତି ଉପରେ ରୋକ୍ ଲଗାଯାଇଛି। ସେହିପରି କୌଣସି ସ୍ଥାନରେ ଲୋକମାନେ ଏକାଠି ବସିବେ ନାହିଁ ଏବଂ ଗ୍ରାମରେ ଥିବା ସମସ୍ତ ଦୋକାନ ବନ୍ଦରହିବ ବୋଲି ଚିଠିରେ ଉଲ୍ଲେଖ ରହିଥିବାବେଳେ ଛୋଟ ଶିଶୁ, ବୟସ୍କ ଓ ଗର୍ଭବତୀ ବିଶେଷଙ୍କୁ ଧ୍ୟାନ ଦିଆଯିବ ଶ୍ରୀ ବେହୁରିଆ ପ୍ରକାଶ କରିଛନ୍ତି।

ମୁଖ୍ୟ ଅଭିଯୁକ୍ତ ଫେରାର୍, ୩ ଗିରଫ

୨୧ ହଜାର ଲିଟର ପିଡିଏସ୍ କିରାସିନି ଜବତ

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍: କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) କଟକ ଜିଲ୍ଲା ଗୁରୁଡ଼ିଝାଟିଆ ଅଞ୍ଚଳରେ ଚଢ଼ଉ କରି ବିପୁଳ ପରିମାଣରେ ପିଡିଏସ୍ କିରାସିନି ଜବତ କରିଛି। ଗୁରୁଡ଼ିଝାଟିଆ ଅଞ୍ଚଳରେ ରହୁଥିବା କ୍ଷୀରୋଦ ଚନ୍ଦ୍ର ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ବାସଭବନ ପରିସରରୁ ୨୧ହଜାର ଲିଟର ପିଡିଏସ୍ କିରାସିନି ଜବତ ହୋଇଛି। ଏହି ଘଟଣାରେ ଏସ୍‌ଟିଏଫ୍ ୩ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁରୁଡ଼ିଝାଟିଆ ଅଞ୍ଚଳର ଗୋକୁଳାନନ୍ଦ ପାଲ୍, ଗଞ୍ଜାମ ଜିଲ୍ଲାର ରାଧାଶ୍ୟାମ ବାରିକ ଏବଂ ଜିତେନ୍ଦ୍ର ରାଉତ। ଏନେଇ ଗୁରୁଡ଼ିଝାଟିଆ ପୁଲିସ କେସ୍ ନଂ ୧୧୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, କ୍ଷୀରୋଦ ଚନ୍ଦ୍ର ପାତ୍ର ବେଆଇନ୍ ଭାବେ ତାଙ୍କ ବାସଭବନ ପରିସରରେ ବିପୁଳ ପରିମାଣର ପିଡିଏସ୍ କିରାସିନି ରଖିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏନେଇ ମଙ୍ଗଳବାର ଗୁରୁଡ଼ିଝାଟିଆ ପୁଲିସ ସହାୟତାରେ ଏସ୍‌ଟିଏଫ୍ ତାଙ୍କ ଘରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି କ୍ଷୀରୋଦ ସେଠାରୁ ଫେରାର ହୋଇଯାଇଥିବା ବେଳେ ତାଙ୍କର ୩ ଜଣ ସହଯୋଗୀ ଏସ୍‌ଟିଏଫ୍ ହାତରେ ଧରାପଡ଼ିଯାଇଥିଲେ। ଏହାପରେ ଏସ୍‌ଟିଏଫ୍ ସେଠାରୁ ବିପୁଳ ପରିମାଣର କିରାସିନି ସମେତ ୨ଟି ଟ୍ୟାଙ୍କର, ଗୋଟିଏ ଇଲେକ୍ଟ୍ରି ମୋଟର, ୫ଟି ଡ୍ରମ୍, ପ୍ଲାଷ୍ଟିକ୍ ପାଇପ୍, ରସାୟନିକ ସାମଗ୍ରୀ ଏବଂ ନଗଦ ୧୮ହଜାର ୬୦୦ଟଙ୍କା ଜବତ କରିଥିଲା। ପରେ ଏସ୍‌ଟିଏଫ୍ ଟିମ୍ ଅଭିଯୁକ୍ତମାନଙ୍କୁ ଗୁରୁଡ଼ିଝାଟିଆ ଥାନାକୁ ନେଇଥିଲେ। ସେଠାରେ ସେମାନଙ୍କୁ ପଚରାଉଚରା କରିବାରୁ କିରାସିନି କଳାବଜାରି କରୁଥିବା ସ୍ୱୀକାର କରିଥିଲେ। ଏହାପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କ୍ଷୀରୋଦ ଫେରାର ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇବା ସହ ଘଟଣାର ତଦନ୍ତ ଜାରି ରଖିଛି।